# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**23 April - 2024**

**News Editor : *Tapan Kumar Moharana***

*********************************

## ପଦ୍ମ ପୁରସ୍କାର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତକାଲି ରାଷ୍ଟ୍ରପତି ଭବନରେ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି । ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କେୟା ନାଇଡୁ ଏବଂ ଭାରତନାଟ୍ୟମ ନୃତ୍ୟଶିଳ୍ପୀ ଡକ୍ଟର ପଦ୍ମା ସୁବ୍ରମଣ୍ୟମ୍‌ଙ୍କୁ ପଦ୍ମ ବିଭୂଷଣରେ ସମ୍ମାନିତ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଚଳଚିତ୍ର ଅଭିନେତା ମିଥୁନ ଚକ୍ରବର୍ତ୍ତୀ, ଗାୟିକା ଉଷା ଉଥପ୍, ହୃଦ୍‌ରୋଗ ବିଶେଷଜ୍ଞ ଡକ୍ଟର ତେଜଶ ମଧୁସୂଦନ ପଟେଲ୍ ଏବଂ ଉତ୍ତରପ୍ରଦେଶ ପୂର୍ବତନ ରାଜ୍ୟପାଳ ରାମ ନାଏକ ଏବଂ ଡକ୍ଟର ସୀତାରାମ ଜିନ୍ଦଲ ପଦ୍ମଭୂଷଣ ସମ୍ମାନ ପାଇଛନ୍ତି । ବିଶିଷ୍ଟ ସମ୍ବଲପୁରୀ ଗୀତିକାର, ନାଟ୍ୟକାର, ସାହିତ୍ୟିକ ବିନୋଦ କୁମାର ପଶାୟତ ଏବଂ ଲୋକନୃତ୍ୟ କୃଷ୍ଣକଳାର ବିଶିଷ୍ଟ ଗାୟକ, ଗବେଷକ ଗୁରୁ ଗୋପୀନାଥ ସ୍ୱାଇଁଙ୍କୁ ରାଷ୍ଟ୍ରପତି ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତି । ଗତକାଲି ସଂଧ୍ୟାରେ ରାଷ୍ଟ୍ରପତିଭବନଠାରେ ଆୟୋଜିତ ପ୍ରଥମ ପର୍ଯ୍ୟାୟ ପଦ୍ମ ପୁରସ୍କାର ପ୍ରଦାନ ସମାରୋହରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ୩ଜଣଙ୍କୁ ପଦ୍ମ ବିଭୂଷଣ, ୭ଜଣଙ୍କୁ ପଦ୍ମଭୂଷଣ ଏବଂ ୫୫ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିଥିଲେ ।

# ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ବୈଠକ

ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ, ସ୍ୱଚ୍ଛ, ନିରପେକ୍ଷ, ଶୃଙ୍ଖଳାଯୁକ୍ତ ଓ ତ୍ରୁଟିଶୂନ୍ୟ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗୁରୁତ୍ୱାରୋପ କରିଛନ୍ତି । ଗତକାଲି ଭୁବନେଶ୍ୱରସ୍ଥିତ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀଠାରେ ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ଼, ଜଗତସିଂହପୁର ଓ କେନ୍ଦ୍ରାପଡା ଆଦି ୬ଟି ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିବା ଅବସରରେ ସେ ଏହା କହିଛନ୍ତି। ଏହି ସମୀକ୍ଷା ବୈଠକରେ ୬ଟି ଜିଲ୍ଲା ଅଧିନରେ ଆସୁଥିବା ସମସ୍ତ ସଂସଦୀୟ ନିର୍ବାଚନ କ୍ଷେତ୍ର ଓ ବିଧାନସଭା ନିର୍ବାଚନ କ୍ଷେତ୍ରରେ ନିର୍ବାଚନ ପ୍ରସ୍ତୁତି ବିଷୟରେ ବ୍ୟାପକ ଆଲୋଚନା ହୋଇଛି । ବୁଥ୍‌ସ୍ତରରୁ ତ୍ରୁଟିଶୂନ୍ୟ ନିର୍ବାଚନ ପରିଚାଳନା କରିବା ପାଇଁ ଶ୍ରୀ ଧଳ ବୈଠକରେ ଯୋଗଦେଇଥିବା ସମସ୍ତ ଜିଲ୍ଲାପାଳ ତଥା ଜିଲ୍ଲାନିର୍ବାଚନ ଅଧିକାରୀ ଏବଂ ଆରକ୍ଷୀ ଅଧୀକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ ।

# ନିର୍ବାଚନ-ପାଣିପାଗ

ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ସମୟରେ  ଦେଶରେ ପାଣିପାଗ ସ୍ୱାଭାବିକ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ଆଇଏମ୍‌ଡି ମହାନିର୍ଦ୍ଦେଶକ ସୂଚନା ଦେଇଛନ୍ତି । ଆସନ୍ତା ୨୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ଦେଶର ଅଣାନବେଟି ଆସନ ପାଇଁ ଭୋଟ୍‌ଗ୍ରହଣ କରାଯିବ । ଏହି ସମୟରେ ରୌଦ୍ରତାପ ଓ ଅନ୍ୟାନ୍ୟ

ପାଣିପାଗ ଜନିତ ପରିସ୍ଥିତିର ମୁକାବିଲା ପାଇଁ ଗତକାଲି ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଇଏମ୍‌ଡି ମହାନିର୍ଦ୍ଦେଶକ ଯୋଗଦେଇ ଏହା କହିଛନ୍ତି ।

## ଅଂଶୁଘାତ ଜନିତ ଅସୁସ୍ଥ

ରାଜ୍ୟରେ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୧୬ ଜିଲ୍ଲାରେ ଅଂଶୁଘାତ ଜନିତ ଘଟଣା ସାମ୍ନାକୁ ଆସିଛି । ଅଂଶୁଘାତ ଓ ତାତି ଜନିତ ସମସ୍ୟା ପାଇଁ ଅଣାନବେ ଜଣ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି । ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୪୧ ଜଣ ଅଂଶୁଘାତ ଯୋଗୁଁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ଖୋର୍ଦ୍ଧାରୁ ୧୨ ଜଣ ରହିଛନ୍ତି । ସେହିପରି ଅନୁଗୁଳରୁ ୯ ଜଣ, ମୟୂରଭଞ୍ଜ ଓ ଝାରସୁଗୁଡ଼ାରୁ ୭, ସମ୍ବଲପୁର ଜିଲ୍ଲାରୁ ୫ ଜଣ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିବା ଡାକ୍ତର ମିଶ୍ର କହିଛନ୍ତି ।

## ଜଙ୍ଗଲ ନିଆଁ

ରାଜ୍ୟର କେତେକ ଜଙ୍ଗଲରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି । ପ୍ରବଳ ଗରମ ଯୋଗୁଁ ଶିମିଳିପାଳ ସମେତ ଡମପଡା, ହଦଗଡ ଆଦି ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଛି । ଏହି ନିଆଁକୁ ରୋକିବା ପାଇଁ ବନବିଭାଗ ପକ୍ଷରୁ ଓଡ୍ରାଫ ଟିମ୍ ନିୟୋଜିତ କରାଯାଇଛି ବୋଲି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଦେବୀଦତ୍ତ ବିଶ୍ୱାଳ କହିଛନ୍ତି । ରାଜ୍ୟର ୭ଟି ପ୍ରମୁଖ

ବନଖଣ୍ଡ ବାଲିଗୁଡ଼ା, ଫୁଲବାଣୀ, ବଣେଇ, ପାରଳାଖେମୁଣ୍ଡି, କଳାହାଣ୍ଡି ଓ ଶିମିଳିପାଳରେ ଓଡ୍ରାଫ ଟିମ୍ ନିୟୋଜିତ ହେବେ । ଗତବର୍ଷ ଏହିସମୟ ସୁଦ୍ଧା ପ୍ରାୟ ୩୨ହଜାର ୫୦୦ପଏଣ୍ଟରେ ନିଆଁ ଲାଗିଥିବାବେଳେ ଚଳିତବର୍ଷ ଏହା ୧୩ହଜାର ୬୫ଟି ସ୍ଥାନରେ ଲାଗିଛି ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।

# ଚୈତ୍ର ଯାତ୍ରା

ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ତାରାତାରେଣୀଙ୍କ ଯାତ୍ରା ଆଜି ଶେଷ ହେଉଛି । ପ୍ରତିବର୍ଷ ପରି ଚଳିତବର୍ଷ ମଧ ମା’ ତାରାତାରେଣୀଙ୍କ ଚୈତ୍ର ଯାତ୍ରା ଚଳିତମାସର ୫ଟି ମଙ୍ଗଳବାରରେ ଅନୁଷ୍ଠିତ ହୋଇଥିଲା । ମା’ଙ୍କର ଏହି ଯାତ୍ରା ଦେଖିବା ପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗିରହିଛି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶିକ୍ଷଣ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶ୍ରଦ୍ଧାଳୁଙ୍କ ଲାଗି ରାସ୍ତାର ଉଭୟ ପାର୍ଶ୍ୱରେ ପାନୀୟଜଳ ବ୍ୟବସ୍ଥା କରାଯାଇଛି ।

# ପାଣିପାଗ

ରାଜ୍ୟର ଅନେକ ସ୍ଥାନରେ ଗତକାଲି କାଳବୈଶାଖୀ ବର୍ଷା ହୋଇଥିବା ବେଳେ ଆଜି ମଧ କେତେକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି । ଏଥିଯୋଗୁଁ ରାଜ୍ୟରେ ତାପମାତ୍ରାରେ ଆହୁରି ୨-୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ

ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, କେନ୍ଦୁଝର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଆଦି ଜିଲ୍ଲାର କେତେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି ।

ଗତକାଲି ରାଜ୍ୟର ସର୍ବୋଚ୍ଚ ଦିନ ତାପମାତ୍ରା ୪୩ ଦଶମିକ ୮ ଡିଗ୍ରୀ ସେଲସିୟସ ଭୁବନେଶ୍ୱରଠାରେ ରେକର୍ଡ କରାଯାଇଥିଲା ।

# ଅଇଏସ୍ଏଲ୍ ମ୍ୟାଚ୍

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଆଇଏସ୍ଏଲ୍ର ସେମିଫାଇନାଲର ପ୍ରଥମ ମ୍ୟାଚ୍ ଆଜି ଅନୁଷ୍ଠିତ ହେବ । ଓଡ଼ିଶା ଏଫ୍ସି ଓ ମୋହନ ବାଗାନ ସୁପର ଜାଏଣ୍ଟ୍ସ ମଧ୍ୟରେ ଖେଳାଯିବ । ଲିଗ୍ ପର୍ଯ୍ୟାୟରେ ମୋହନ ବାଗାନ ୨୨ଟି ମ୍ୟାଚ୍ରୁ ୪୮ ପଏଣ୍ଟ ହାସଲ କରି ସିଧାସଳଖ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା । ଅନ୍ୟପକ୍ଷରେ ଚତୁର୍ଥ ସ୍ଥାନରେ ରହିଥିବା ଓଡ଼ିଶା ଏଫ୍ସି କେରଳ ବ୍ଲାଷ୍ଟର୍ସଙ୍କୁ ୨-୧ ଗୋଲ୍ରେ ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି ।